# NATIONAL NEWS BULLETIN (ODIA)
## 14 November - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ନିର୍ବାଚନରେ ଏନ୍.ଡି.ଏ. ବଡ଼ଧରଣର ସଂଖ୍ୟାଗରିଷ୍ଠତା ଆଡ଼କୁ ଅଗ୍ରସର ।

– ଓଡ଼ିଶା ଏବଂ ଜାମ୍ମୁ କାଶ୍ମୀର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ବିଜୟୀ ।

- ବିହାରରେ ଏନ୍.ଡି.ଏ.ର ସଂଖ୍ୟାଗରିଷ୍ଠତାକୁ ସୁ-ଶାସନ, ବିକାଶ, ସାମାଜିକ ନ୍ୟାୟ ଏବଂ ଜନକଲ୍ୟାଣର ବିଜୟ କହିଲେ ପ୍ରଧାନମନ୍ତ୍ରୀ ।

- ଜୀବନର ବିଭିନ୍ନ ପର୍ଯ୍ୟାୟରେ ମଧୁମେହର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମଧୁମେହ ଦିବସ ।

ଏବଂ

- କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ୧୫୯ରନ୍‌ରେ ଅଲ୍‌ଆଉଟ୍ ହେଲା ଦକ୍ଷିଣ ଆଫ୍ରିକା ।

– ପ୍ରଥମ ଇନିଂସରେ ୧ ଓ୍ୱିକେଟ୍ ହରାଇ ୩୭ରନ୍ ସଂଗ୍ରହ କରିଛି ଭାରତ ।

## ବିହାର–କାଉଟିଂ

ବିହାର ବିଧାନସଭା ନିର୍ବାଚନର ସମସ୍ତ ୨୪୩ ଆସନର ଫଳାଫଳାରୁ ଜାତୀୟ ଗଣତାନ୍ତ୍ରିକ ସାମୁଖ୍ୟ ଏନ୍.ଡି.ଏ.କୁ ସ୍ପଷ୍ଟ ବହୁମତ ମିଳୁଥିବା ନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ସୂଚନାରୁ ଜଣାପଡ଼ିଛି । ଅଦ୍ୟାବଧି ସୂଚନା ଅନୁସାରେ ଶାସକ ଜାତୀୟ ଗଣତାନ୍ତ୍ରିକ ସାମୁଖ୍ୟ ଏନ୍.ଡି.ଏ. ୧୧୧ଟି ଆସନରେ ବିଜୟ ହାସଲ କରିଛି । ଏନ୍.ଡି.ଏ. ପ୍ରାର୍ଥୀମାନେ ୯୧ଟି ଆସନରେ ଆଗୁଆ ଥିବା ଜଣାପଡ଼ିଛି । ଆର୍.ଜେ.ଡି. ନେତୃତ୍ୱ ମହାଗଠନବନ୍ଧନର ପ୍ରାର୍ଥୀମାନେ ବହୁ ପଛରେ ଅଛନ୍ତି । ଏ ପର୍ଯ୍ୟନ୍ତ ସେମାନେ ୮ଟି ସିଟ୍‌ରେ ବିଜୟ ହାସଲ କରିଥିବାବେଳେ ୧୮ଟି ଆଗୁଆ ରହିଛନ୍ତି ।

ସବିଶେଷ ସୂଚନା ଅନୁସାରେ ବିଜେପି ୬୧ଟି ଆସନରେ ବିଜୟ ଲାଭ କରିଥିବା ବେଳେ ୩୧ଟିରେ ଆଗୁଆ ରହିଛି । ଜେ.ଡି.ୟୁ. ୪୦ଟି ଜିତିଥିବା ବେଳେ ୪୪ଟିରେ ଆଗୁଆ ରହିଛି । ‘ହାମ୍’ ୪ଟିରେ ଆଗୁଆ ରହିଥିବା ବେଳେ ଗୋଟିଏ ଆସନରେ ବିଜୟ ହାସଲ କରିଛି ।

ଆର୍.ଏଲ୍.ଏମ୍. ୩ଟି ଆସନରେ ଆଗୁଆ ଥିବା ବେଳେ ଗୋଟିଏ ଆସନରେ ବିଜୟ ହୋଇଛି ।

ରାଘୋପୁର ଆସନରେ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତଥା ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ତାଙ୍କର ନିକଟତବ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସତୀଶ କୁମାରଙ୍କଠାରୁ ଆଗୁଆ ଅଛନ୍ତି । ତାଙ୍କ ଭାଇ ଜନଶକ୍ତି ଜନତା ଦଳର ପ୍ରାର୍ଥୀ ତେଜ୍ ପ୍ରତାପ ଯାଦବ ମହୁଆ ଆସନରେ ଏଲ୍.ଜେ.ପି. ଏବଂ ଆର୍.ଜେ.ଡି. ପଛରେ ରହି ତୃତୀୟ ସ୍ଥାନରେ ରହିଛନ୍ତି । ବିଜେପି ପ୍ରାର୍ଥୀ ତଥା ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ତାରାପୁର ଆସନରେ ବିଜୟୀ ହୋଇଥିବା ବେଳେ ଲକ୍ଷିସରାଇ ଆସନରେ ବିଜୟ କୁମାର ସିହ୍ନା ଆଗୁଆ ରହିଛନ୍ତି । ବିଜେପିର ମୈଥିଲି ଠାକୁର ଆଲିନଗର ଆସନରେ ଆଗୁଆ ରହିଥିବା ବେଳେ ବରିଷ୍ଠ ବିଜେପି ନେତା ମଙ୍ଗଲ ପାଣ୍ଡେ ସିଓ୍ୱାନ୍ ଆସନରେ ଆଗରେ ଅଛନ୍ତି । ତେବେ ନୂତନ ଭାବେ ଗଠନ ହୋଇଥିବା ଜନସୂରଜ ପାର୍ଟିର ପ୍ରାର୍ଥୀ ପ୍ରଶାନ୍ତ କିଶୋର ବହୁ ପଛରେ ପଡ଼ିଛନ୍ତି ।

ବିହାର ବିଧାନସଭା ଭୋଟ୍ ଗଣତି ଆଜି ସକାଳ ୮ଟାରୁ ଆରମ୍ଭ ହୋଇଥିଲା । ପ୍ରଥମେ ପୋଷ୍ଟାଲ୍ ବାଲାଟ୍ ଗଣନା ସରିବା ପରେ ୮ଟା ୩୦ ମିନିଟ୍‌ରେ ଇ.ଭି.ଏମ୍. ଗଣନା ଆରମ୍ଭ ହୋଇଥିଲା ।

# ବାଇପୁଲ୍-କାଉଣ୍ଟିଂ

ଦେଶର ୭ଟି ରାଜ୍ୟର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ଉପନିର୍ବାଚନ ଗଣତି ଅନୁଷ୍ଠିତ ହୋଇଛି । ଏହା ମଧ୍ୟରୁ ବିଜେପି ୨ଟି ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ଦୁଇଟି ଆସନରେ ବିଜୟୀ ହୋଇଛି । ଆମ୍ ଆଦ୍‌ମୀ ପାର୍ଟି, ପି.ଡି.ପି. ଏବଂ ମିଜୋ ନ୍ୟାସନାଲ୍ ଫ୍ରଣ୍ଟ ଗୋଟିଏ ଲେଖାଏଁ ଆସନ ଜିତିଥିବା ବେଳେ ଅନ୍ୟ ଏକ ଆସନରେ ଜେ.ଏମ୍.ଏମ୍. ଆଗରେ ରହିଛି ।

ତେଲଙ୍ଗାନାରେ କଂଗ୍ରେସ ପ୍ରାର୍ଥୀ ନବୀନ ଯାଦବ ଭି. ଯୁବଲି ହିଲ୍ ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବି.ଆର୍.ଏସ୍.ର ଏମ୍. ସୁନିଥା ଗୋପୀନାଥଙ୍କୁ ୨୪ ହଜାର ୭୨୯ ଭୋଟ୍‌ରେ ପରାସ୍ତ କରିଛନ୍ତି । ରାଜସ୍ଥାନର ଆଣ୍ଟା ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ଜୈନ ଭାୟା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ମୋରପାଲ ସୁମନଙ୍କୁ ୧୫ ହଜାର ୬୧୨ ଭୋଟ୍‌ରେ ପରାସ୍ତ କରିଛନ୍ତି ।

ପଞ୍ଜାବର ତରୁନ ତର୍ଣ୍ଣନ୍ ଆସନରେ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ହରମିତ୍ ସିଂହ ସାନ୍ଧୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅକାଳୀ ଦଳର ସୁଖବୀନ୍ଦର କୌରଙ୍କୁ ୧୨ ହଜାର ୯୧ ଭୋଟ୍‌ରେ ବିଜୟୀ ହୋଇଛନ୍ତି ।

ଜାମ୍ମୁ ଓ କାଶ୍ମୀରର ନାଗ୍ରୋଟା ବିଧାନସଭା ଆସନର ବିଜେପି ପ୍ରାର୍ଥୀ ଦେବଜାନୀ ରାଣା ଜେ ଆଣ୍ଡ କେ ନ୍ୟାସନାଲ୍ ପାନ୍ଥର୍ସ୍ ପାର୍ଟି (ଇଣ୍ଡିଆ)ର ହର୍ଷଦେବ ସିଂହଙ୍କୁ ୨୪ ହଜାର ୬୪୭ ଭୋଟ୍‌ରେ ହରାଇ ଦେଇଛନ୍ତି । ପି.ଡି.ପି.ର ଅଗା ସଏଦ୍ ମୁନ୍ତାଜିର୍ ମେହେଦି ବୁଢ଼ଗାଓଁ ଆସନରୁ ନ୍ୟାସନାଲ୍ କନ୍‌ଫରେନ୍ସ ପ୍ରାର୍ଥୀଙ୍କୁ ୪ ହଜାର ୪୭୮ ଭୋଟ୍‌ରେ ପରାସ୍ତ କରିଛନ୍ତି । ମିଜୋରାମ୍‌ର ଡମ୍ପା ଆସନର ମିଜୋ ନ୍ୟାସନାଲ୍ ଫ୍ରଣ୍ଟ ପ୍ରାର୍ଥୀ ଡକ୍ଟର ଆର୍. ଲାଲଥଙ୍ଗଲିଆନା ଜୋରାମ୍ ପିପୁଲ୍ସ ମୁଭ୍‌ମେଣ୍ଟ ପ୍ରାର୍ଥୀ ବନ୍‌ଲାଲ୍‌ସାଇଲୋଭାଙ୍କୁ ୫୬୨ ଭୋଟ୍‌ରେ ହରାଇଛନ୍ତି ।

ଓଡ଼ିଶାର ନୂଆପଡ଼ା ଆସନର ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମ୍ ମାଝୀଙ୍କଠାରୁ ୮୩ ହଜାର ୭୪୮ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଝାଡ଼ଖଣ୍ଡର ଘାଟଶିଳା ଆସନରୁ ଜେ.ଏମ୍.ଏମ୍. ପ୍ରାର୍ଥୀ ସୋମେଶ ଚନ୍ଦ୍ର ସୋରେନ ବିଜେପି ପ୍ରାର୍ଥୀ ବାବୁ ରାଓ ସୋରେନଙ୍କ ଠାରୁ ୩୪ ହଜାର ୬୪୮ ଭୋଟ୍‌ରେ ଆଗୁଆ ଅଛନ୍ତି ।

## ପିଏମ୍-ବିହାର ଇଲେକ୍‌ସନ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ସଭାପତି ଜଗତ୍ ପ୍ରକାଶ ନଡ୍ଡା ଏବଂ ବରିଷ୍ଠ ବିଜେପି ନେତା ଅମିତ ଶାହା ଏନ୍.ଡି.ଏ.କୁ ବିପୁଳ ଭୋଟ୍‌ରେ ବିଜୟୀ କରିଥିବାରୁ ବିହାରର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି ବିଜୟକୁ ସୁଶାସନ ବିକାଶ, ସାମାଜିକ ନ୍ୟାୟ ତଥା ଜନକଲ୍ୟାଣର ବିଜୟ ବୋଲି ଅବିହିତ କରିଛନ୍ତି । ବିହାରର ବିକାଶ ପାଇଁ ନୂତନ ସରକାର ସଶକ୍ତ ତଥା ଦୃଢ଼ତାର ସହ କାର୍ଯ୍ୟ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଶ୍ରୀ ନଡ୍ଡା କହିଛନ୍ତି, ଡବଲ୍ ଇଞ୍ଜିନ୍ ସରକାର ଉପରେ ଲୋକ ନିଜର ଆସ୍ଥା ପ୍ରକଟ କରିବା ସହ ସରକାରଙ୍କ ବିକାଶ ଧାରାକୁ ବିହାରର ଜନସାଧାରଣ ସମର୍ଥନ କରିଛନ୍ତି । ସେ କହିଛନ୍ତି, ଏହି ନିର୍ବାଚନରେ ସୁ-ଶାସନ, ସ୍ଥିରତା ଏବଂ ବିକାଶକୁ ଗୁରୁତ୍ୱ ଦେଇ ଜନସାଧାରଣ ଏନ୍.ଡି.ଏ. ଉପରେ ଆସ୍ଥା ପ୍ରକଟ କରିଛନ୍ତି । ବିହାରର ବିକାଶ ଏବଂ ଭାରତର ବିକାଶକୁ ଦୃଢ଼ ସଂକଳ୍ପ ମିଳିବ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ବରିଷ୍ଠ ବିଜେପି ନେତା ଅମିତ ଶାହା କହିଛନ୍ତି, ବିହାର ଜନସାଧାରଣଙ୍କ ପ୍ରତ୍ୟେକ ଗୋଟିଏ ଭୋଟ୍ ବିଶ୍ୱାସର ପ୍ରତୀକ, ଯାହା ସରକାରଙ୍କ ନୀତି ନିର୍ଦ୍ଧାରଣ କରିବାରେ ସହାୟକ ହେବ । ରାଜ୍ୟରେ ବିକାଶ, ନାରୀ ସୁରକ୍ଷା, ସୁଶାସନ ଏବଂ ଗରିବମାନଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ବିହାରବାସୀ ଏନ୍.ଡି.ଏ.କୁ ମତଦାନ କରିଛନ୍ତି । ଶ୍ରୀ ଶାହା ଦଳର କାର୍ଯ୍ୟକର୍ତ୍ତାମାନଙ୍କ

କଠିନ୍ ପରିଶ୍ରମ ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି । ଏନ୍.ଡି.ଏ. ପ୍ରତି ବିହାରର ଜନସାଧାରଣ ଯେଉଁ ଆଶା ଓ ବିଶ୍ୱାସ ରଖି ମତଦାନ କରିଛନ୍ତି ସରକାର ସେମାନଙ୍କର ବିକାଶକୁ ଗୁରୁତ୍ୱ ଦେଇ ଅଧିକ ତ୍ୟାଗପୂର୍ଣ୍ଣ ଭାବରେ କାର୍ଯ୍ୟ କରି ସେମାନଙ୍କ ଆକାଂକ୍ଷା ପୂରଣ କରିବେ ବୋଲି ଶ୍ରୀ ଶାହା କହିଛନ୍ତି ।

## ପ୍ରେସିଡେଣ୍ଟ ଚିଲ୍ଡ୍ରେନ୍ସ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିଶୁ ଦିବସ ଅବସରରେ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କୁ ଉଚିତ୍ ମାର୍ଗରେ ଶିକ୍ଷା ପ୍ରଦାନ କରି ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଦେଶର ଜଣେ ଦାୟିତ୍ୱବାନ ନାଗରୀକ ଭାବେ ଗଢ଼ି ତୋଳିବା ପାଇଁ ପ୍ରେରଣା ଦେବାର ଆବଶ୍ୟକତା ରହିଛି । ରାଷ୍ଟ୍ରପତି ଛୋଟ ଛୋଟ ପିଲାମାନଙ୍କ ସହ କିଛି ଆନନ୍ଦ ମୁହୂର୍ତ୍ତ ବିତାଇବା ସହ ସେମାନଙ୍କଠାରୁ ବନ୍ଦେ ବାତରମ୍ ଏବଂ ଅନ୍ୟାନ୍ୟ ସଂଗୀତ ଶୁଣିଥିଲେ ।

## ଭିପି-ରୋଟାରି ତେଜସ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ନୂଆଦିଲ୍ଲୀରେ ରୋଟାରୀ ତେଜସ ଓ୍ୱିଙ୍ଗସ୍ ଅଫ୍ ଚେଞ୍ଜର ଶୁଭାରମ୍ଭ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ଶିକ୍ଷାରେ ଉନ୍ନତିକରଣ, ସ୍ୱଚ୍ଛ ପାନୀୟ ଜଳ, ପରିବେଶ ସଂରକ୍ଷଣ ତଥା ଶାନ୍ତି ପ୍ରତିଷ୍ଠା ଆଦି କ୍ଷେତ୍ରରେ ରୋଟାରୀର ଅବଦାନକୁ ପ୍ରଶଂସା କରିଛନ୍ତି । ନିଜ ପାଇଁ କିଛି ନ କରି ଅନ୍ୟ ପାଇଁ ନିଜର ସମର୍ପଣ ଭାବ ରୋଟାରୀର ଏହି ଦର୍ଶନକୁ ଉପରାଷ୍ଟ୍ରପତି ପ୍ରଶଂସା କରି କହିଛନ୍ତି, ସେବା ପରମ ଧର୍ମ, ଏହାର ପ୍ରତିବଦଳରେ କିଛି ଆଶା କରାଯାଇପାରେ ନାହିଁ । ଭାରତୀୟମାନଙ୍କର ଏହି ଚିନ୍ତାଧାରାକୁ ରୋଟାରୀ ବଜାୟ ରଖିଛି । ରୋଟାରୀ ନିଜର ପାଣ୍ଠିକୁ ଦେଶ ଗଠନ ତଥା ସ୍ୱାସ୍ଥ୍ୟ ଏବଂ ବିକାଶ କ୍ଷେତ୍ରରେ ବିନିଯୋଗ କରୁଥିବାକୁ ନେଇ ଉପରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଛନ୍ତି ।

## ଓ୍ୱାଲ୍ଡ ଡାଇବେଟିସ୍ ଡେ

ଆଜି ବିଶ୍ୱ ମଧୁମେହ ଦିବସ ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଦକ୍ଷିଣ-ପୂର୍ବ ଏସୀୟ ଆଞ୍ଚଳିକ ଶାଖା ପକ୍ଷରୁ ଏ ରୋଗର ନିରାକରଣ ପାଇଁ ବିହିତ ପଦକ୍ଷେପ ନେବାକୁ ସମସ୍ତଙ୍କୁ ଆହ୍ୱାନ

କରାଯାଉଛି। ଦକ୍ଷିଣ ପୂର୍ବ ଏସିଆର ବିଶ୍ୱର ଏକ-ତୃତୀୟାଂଶରୁ ଅଧିକ ଲୋକ ମଧୁମେହ ରୋଗରେ ପୀଡିତ ହୋଇଛନ୍ତି।  ବିଶ୍ୱ ମଧୁମେହ ଦିବସରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି – ଜୀବନର ବିଭିନ୍ନ ପର୍ଯ୍ୟାୟରେ ମଧୁମେହ । ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ଯତ୍ନ ନେଇ ଏହି ରୋଗରୁ ଦୂରେଇ ରହିବାକୁ ଏହି ବାର୍ତ୍ତା ଦିଆଯାଇଛି।

ବିଳମ୍ବରେ ଏହି ରୋଗ ଚିହ୍ନଟ ହେଲେ ସଂକଟ ଆଡ଼କୁ ଗତିକରି ମନୁଷ୍ୟକୁ ମୃତ୍ୟୁମୁଖକୁ ଠେଲି ଦେଇଥାଏ ବୋଲି ଡବ୍ଲୁ.ଏଚ୍.ଓ ଦକ୍ଷିଣ-ପୂର୍ବ ଏସୀୟର କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର କାଥାରିନା ବହେମ୍ କହିଛନ୍ତି।

## ଇଣ୍ଡିଆ-କାନାଡ଼ା

ଭାରତ ଏବଂ କାନାଡ଼ା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ୧୦ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଛି। ୨୦୨୪ ମସିହାରେ ଦୁଇଦେଶ ମଧ୍ୟରେ ହୋଇଥିବା ବାଣିଜ୍ୟ କାରବାର ୨୩ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ଚଳିତ ବର୍ଷ ଏହା ୧୦ ପ୍ରତିଶତ ଅଧିକ ରହିଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି ଦୁଇ ଦେଶ ମଧ୍ୟରେ ନୂତନ ବାଣିଜ୍ୟ କାରବାର ଏବଂ ରପ୍ତାନୀ ବୃଦ୍ଧି ପାଇବା ଫଳରେ ଏକ ନିରନ୍ତର ଅଭିବୃଦ୍ଧି ଦେଖାଯାଇଛି। କାନାଡ଼ାର ଆନ୍ତର୍ଜାତିକ ବାଣିଜ୍ୟ ଏବଂ ଅର୍ଥନୈତିକ ବିକାଶ ମନ୍ତ୍ରୀ ଗତ ୧୧ ତାରିଖରୁ

ଭାରତ ଗସ୍ତରେ ଆସି ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇଛନ୍ତି। ଏହି ଦ୍ୱିପାକ୍ଷିକ ବାଣିଜ୍ୟିକ ଆଲୋଚନା ହେବା ଫଳରେ ଉଭୟ ଦେଶ ମଧ୍ୟରେ ଲୋକସମ୍ପର୍କ ବୃଦ୍ଧି ପାଇବା ସହ ଆଗାମୀ ଦିନରେ ବାଣିଜ୍ୟ କାରବାରରେ ଏକ ନୂତନ ଭାଗୀଦାରିତା ସୃଷ୍ଟି ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋଏଲ ଆଶା ପ୍ରକଟ କରିଛନ୍ତି।

## କ୍ରିକେଟ୍

କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଜି ଆରମ୍ଭ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ଖେଳରେ ଷ୍ଟମ୍ପ୍ ଅପସାରଣ ବେଳକୁ ଭାରତ ଗୋଟିଏ ଓ୍ୱିକେଟ୍ ହରାଇ ୩୭ରନ୍ ସଂଗ୍ରହ କରିଛି । କେ.ଏଲ୍. ରାହୁଲ ୧୩ ଏବଂ ଓ୍ୱାଶିଂଟନ୍ ସୁନ୍ଦର ୬ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ପୂର୍ବରୁ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୧୫୯ରନ୍ କରି ଅଲ୍‌ଆଉଟ୍ ହୋଇଛି । ଭାରତୀୟ ବୋଲର ଯଶପ୍ରୀତ ବୁମ୍‌ରା ୫ ଓ୍ୱିକେଟ୍ ହାସଲ କରିଥିବା ବେଳେ ମହମ୍ମଦ ଶିରାଜ ଏବଂ କୁଲଦୀପ ଯାଦବ ପ୍ରତ୍ୟେକ ୨ଟି ଲେଖାଏଁ ଓ୍ୱିକେଟ୍ ନେଇ ଦକ୍ଷିଣ ଆଫ୍ରିକାର ବ୍ୟାଟିଂକୁ ଧରାଶାୟୀ କରିଦେଇଥିଲେ ।